ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail: iprsec.or@nic.in

News ID-IPR/SDTE(OD)/1054/15-01-2021

# ରାଜ୍ୟ ବୈଷୟିକ ଶିକ୍ଷା ଓ ଧନ୍ଦାମୂଳକ ପ୍ରଶିକ୍ଷଣ ପରିଷଦର ୨୮ତମ ପରିଷଦ ବୈଠକ

- ପରିଷଦ ପକ୍ଷରୁ ଆଗତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ
- ଆଇଟିଆଇ ଶିକ୍ଷାରେ ପୂର୍ବରୁ ଥିବା ପଂଜୀକରଣ ଫି ଉଚ୍ଛେଦ
- ଅନ୍‌ଲାଇନ୍ ମାଧ୍ୟମରେ ପ୍ରଶିକ୍ଷକମାନଙ୍କୁ ତାଲିମ ଦିଆଯିବା ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର, ତା.୧୫/୦୧/୨୦୨୧

ରାଜ୍ୟ ବୈଷୟିକ ଶିକ୍ଷା ଓ ଧନ୍ଦାମୂଳକ ପ୍ରଶିକ୍ଷଣ ପରିଷଦର ୨୮ତମ ପରିଷଦ ବୈଠକ ଭର୍ଚୁଆଲ୍ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । କମିଶନର ତଥା ଶାସନ ସଚିବ ସଂଜୟ କୁମାର ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପରିଷଦ ପକ୍ଷରୁ ଆଗତ କରାଯାଇଥିବା ବିଭିନ୍ନ ପ୍ରସ୍ତାବକଗୁଡ଼ିକ ଅନୁମୋଦନ ଲାଭ କରିଥିଲା ।

ଆଇଟିଆଇ ଏବଂ ପଲିଟେକ୍‌ନିକ୍ ଶିକ୍ଷା ବ୍ୟବସ୍ଥାରେ ଅଧିକ ସ୍ୱଚ୍ଛତା ଆଣିବା ଲକ୍ଷ୍ୟରେ ସବୁ ଛାତ୍ରଛାତ୍ରୀଙ୍କର ପରିଚୟ ଏବଂ ଉପସ୍ଥାନକୁ ଆଧାର ସଂଯୋଗୀକରଣ କରିବା ଉପରେ ଶାସନ ସଚିବ ଶ୍ରୀ ସିଂ ଗୁରୁତ୍ୱାରୋପ କରିଥିଲେ । ଏସ୍‌ସିଟିଇଭିଟିରେ ଏକ ଉନ୍ନତ ମାନର ପାଠାଗାର ସହ ଡିଜିଟାଲ୍ ଲାଇବ୍ରେରୀ ସ୍ଥାପନ କରିବାକୁ ମଧ୍ୟ ସେ ପ୍ରସ୍ତାବ ଦେଇଥିଲେ ।

ଏନ୍‌ଆଇଟିଟିଆର୍, କୋଲକାତା ଏବଂ ଏନ୍‌ଆଇଟିଟିଆର୍, ଚଣ୍ଡିଗଡ଼ ଭଳି ସଂସ୍ଥାରେ ଆଇଟିଆଇ ଏବଂ ପଲିଟେକ୍‌ନିକ୍‌ର ପ୍ରଶିକ୍ଷକମାନଙ୍କୁ ଅନ୍‌ଲାଇନ୍ ପ୍ରଶିକ୍ଷଣ ବ୍ୟବସ୍ଥା ନିମନ୍ତେ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ପୂର୍ବରୁ ଆଇଟିଆଇ ଛାତ୍ରଛାତ୍ରୀମାନଙ୍କଠାରୁ କରାଯାଉଥିବା ପଂଜୀକରଣ ଫି ବ୍ୟବସ୍ଥାକୁ ଉଚ୍ଛେଦ କରାଯାଇଛି । ସେହିପରି ପରିଷଦ ଅଧୀନସ୍ଥ ଅନ୍‌ଲାଇନ୍ ପରୀକ୍ଷା ନିମନ୍ତେ ଭେଣ୍ଡର ଚୟନ ପାଇଁ ନିଷ୍ପତ୍ତି ହୋଇଛି । ଆପ୍ରେଣ୍ଟିସ୍ ପରୀକ୍ଷା ଫି ଆଦାୟ ଛାଡ଼, ପରୀକ୍ଷା ଏବଂ ସହବନ୍ଧନ ନିୟମ, ଏସ୍‌ସିଟିଇଭିଟି ଫେଲୋ ନିଯୁକ୍ତି ସମ୍ବନ୍ଧୀୟ ବିଭିନ୍ନ ବିଷୟ ନେଇ ଥିବା ପ୍ରସ୍ତାବଗୁଡ଼ିକ ମଧ୍ୟ ବୈଠକରେ ଅନୁମୋଦିତ ହୋଇଥିଲା ।

ଏହି ବୈଠକରେ ପରିଷଦର ସଚିବ ଏସ୍.କେ. ମିଶ୍ର ସଂପୂର୍ଣ୍ଣ ବିବରଣୀ ଉପସ୍ଥାପନ କରିଥିବାବେଳେ ଉପାଧ୍ୟକ୍ଷ ତଥା ଡିଟିଇଟି ନିର୍ଦ୍ଦେଶକ ରେଘୁ ଜି., ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଅତିରିକ୍ତ ଶାସନ ସଚିବ, ସୁଦର୍ଶନ ପଣ୍ଡାଙ୍କ ସମେତ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ଅତିରିକ୍ତ ଶାସନ ସଚିବ, ଏନ୍‌ଆଇଟିଟିଆର୍, କୋଲକାତାର ନିର୍ଦ୍ଦେଶକ, ସିଟିଟିସିର ସାଧାରଣ ପରିଚାଳକ, ସିଇଟିର ଅଧ୍ୟକ୍ଷ, ବୋଷ ଆଇଟିଆଇର ଅଧ୍ୟକ୍ଷ, କଟକ ଆଇଟିଆଇର ଅଧ୍ୟକ୍ଷ ଏବଂ ଓପେସାର ସାଧାରଣ ପରିଚାଳକ ଉପସ୍ଥିତ ଥିଲେ ।

ପ୍ରମିଳା ମାଝୀ
ସୂଚନା ଅଧିକାରୀ